# ଲାଞ୍ଚୁଆ ଭୂତ

**ଶାରଦା ଚରଣ ମହାପାତ୍ର,ଓ.ପି.ଏସ- ।**
ଆରକ୍ଷୀ ଅଧିକ୍ଷକ ଦୁର୍ନୀତି ନିବାରଣ
(ଅବସରପ୍ରାପ୍ତ)ବ୍ରହ୍ମପୁର

ଆମ ଦେଶରେ ଗାଁ ଗଣ୍ଡାରେ ଭୂତପ୍ରେତ ଲାଗିବା କଥା କିଛି ନୂଆ କଥା ନୁହେଁ । ସେ ମଧ୍ୟ ଗାଁରେ ଲୋକଠୁ ଲୋକ ଓ ଘରକୁ ଘର ବ୍ୟାପିବାର ଉଦାହରଣ ରହିଛି । ତାକୁ ଛଡାଇବା ପାଇଁ ତାନ୍ତ୍ରିକ କିମ୍ବା ଗୁଣିଆର ସାହାଯ୍ୟ ନେଇ ଝଡା, ଫୁଙ୍କା ଓ ପୂଜା ଆରାଧନା କରି ସେଥିରୁ ମୁକ୍ତ ହୁଅନ୍ତି । ଏହା ବର୍ତ୍ତମାନ ମଧ୍ୟ ପୁରପଲ୍ଲୀରେ ଦେଖିବାକୁ ମିଳେ ।

ଲାଞ୍ଚୁଆ ଭୂତ ଆମ ଭାରତବାସୀଙ୍କର ରକ୍ତ କଣିକାରେ ଏତେଦୂର ପର୍ଯ୍ୟନ୍ତ ଆକ୍ରାନ୍ତ କରିଛି ଯେ ସମାଜରୁ ଏହି ରୋଗ କମିବା ପରିବର୍ତ୍ତେ ବଢିବାକୁ ଲାଗିଛି । ମୁଁ ମୋର ଦୀର୍ଘ ଦିନର ଦୁର୍ନୀତି ନିବାରଣ ବିଭାଗର ଅଭିଜ୍ଞତା ମଧ୍ୟରେ ଉକ୍ତ ରୋଗ କିପରି ଓ କେଉଁଠାରେ ଆକ୍ରାନ୍ତ ହେଉଛି ଏହା କିଛିଟା ସୂଚେଇବାକୁ ଚାହେଁ । ମୋ ମତରେ ଦୁର୍ନୀତିକୁ ସମାଜରୁ ମୂଳୋତ୍ପାଟନ କରିବା ସହଜସାଧ୍ୟ ନୁହେଁ, କିନ୍ତୁ ସେ ରୋଗକୁ ଶାସନ ମାଧ୍ୟମରେ ବହୁତ କିଛି ନିୟନ୍ତ୍ରଣ କରାଯାଇପାରିବ । *Prevention is better than cure.*

ଲୋକେ କହନ୍ତି ଯେ ସମାଜରେ ସଚେତନତା ଆବଶ୍ୟକ । ମୋ ମତରେ ଯେ କୌଣସି ବ୍ୟକ୍ତି, ଯେ କୌଣସି ଅପରାଧ କରିବା ପୂର୍ବରୁ ତାର ଭବିଷ୍ୟତ କଣ ହେବ ତାହା ଜାଣିଥାଏ । ସେ ଜାଣେନି ବୋଲି କହିବା ଠିକ୍ ହେବ ନାହିଁ, କାରଣ ଜଣେ ବ୍ୟକ୍ତି ଚୋରୀ, ହତ୍ୟା କି ଧର୍ଷଣ କରି ଭବିଷ୍ୟତ କଣ ହେବ ସେ ଜାଣିଥାଏ । ସେହିପରି ଯେ ଲାଞ୍ଚଦିଏ କିମ୍ବା ନିଏ ସେ ମଧ୍ୟ ଜାଣିଥାଏ ଯେ ଏହା ଏକ ଦଣ୍ଡନୀୟ ସାମାଜିକ

ଅପରାଧ ଅଟେ । ତଥାପି ମନୁଷ୍ୟ ସେହି ଲୋଭର ବଶବର୍ତ୍ତୀ ହୋଇ ଘୃଣ୍ୟ କର୍ମମାନ କରି ବସେ ।

ଅତୀତରେ ଦୁର୍ନୀତି ସୀମିତ ଥିଲା କେବଳ ତଳିଆ କର୍ମଚାରୀଙ୍କୁ ବକସିସ୍ ଦେବା ମଧ୍ୟରେ ଏବଂ ସେହି ବକସିସ୍ କର୍ମକ୍ଷେତ୍ରରେ ଗୌରବ ଆଣି ଦେଉଥିଲା । ମାତ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଖାଦ୍ୟ ପଦାର୍ଥ ଆବଣ୍ଟନରେ ଦୁର୍ନୀତି ଯୋଗୁଁ ଅଭାବ ଦେଖାଗଲା । ସେଥିପାଇଁ Daily Special Police Establishment Act କୁ ସରକାର ପ୍ରଚଳନ କଲେ । ତାହାଦ୍ୱାରା ଦୁର୍ନୀତି ରୋକିବା ପାଇଁ ଆବଣ୍ଟନକୁ ନିୟନ୍ତ୍ରଣ କରାଗଲା । ୧୯୪୪ ମସିହାରେ ଆମ ଓଡିଶାର Transport & Supply ନାମକ ଏକ ସଂସ୍ଥା କାର୍ଯ୍ୟକାରୀ ହେଲା । ସ୍ୱାଧୀନ ଭାରତରେ ୧୯୫୭ ମସିହାରେ Vigilance ନାମକ ଏକ ସଂସ୍ଥା ଦୁର୍ନୀତି ରୋକିବା ପାଇଁ ଖୋଲାଗଲା । ଦେଶ ସ୍ୱାଧୀନ ହେବା ପରେ Prevention of Corruption Act ପ୍ରଚଳିତ ହେଲା । ୧୯୬୨ ମସିହାରେ Santhanum Committeeଙ୍କ ସୁପାରିଶ ବଳରେ ଦୁର୍ନୀତି ଉପାୟରେ ଆୟ ବହିର୍ଭୁତ ସଂପତ୍ତି ଠୁଳ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଉପରୋକ୍ତ ଆଇନରେ ଧରାଗଲା । ଆଇନର ପରିବର୍ତ୍ତନ ହେବା ସତ୍ତ୍ୱେ ସମାଜରେ ସଚେତନତା ନ ଆସିବାରୁ ଦୁର୍ନୀତି ଦିନକୁଦିନ ବଢିବାକୁ ଲାଗିଲା । ତେଣୁ ୧୯୮୮ ମସିହାରେ ଉକ୍ତ ଆଇନ୍‌କୁ ପୁନର୍ବାର ପରିବର୍ତ୍ତନ କରି Public Servant ର ପରିସୀମାକୁ ବୃଦ୍ଧି କରାଗଲା । ସରକାରୀ କର୍ମଚାରୀ ବ୍ୟତୀତ ଯେ କୌଣସି ଜନସାଧାରଣ ସରକାରଙ୍କ ଅର୍ଥ କୌଣସି ଉପାୟରେ ପାଉଥିଲେ ସେ Public Sevant ପରିସରଭୂକ୍ତ ହେବ ଓ ତାଙ୍କ ପାଇଁ ଉପରୋକ୍ତ Prevention of Corruption Act, 1988 ଲାଗୁ ହେବ ।

ଦୁର୍ନୀତି ଆପାତତଃ ୩ ପ୍ରକାରରେ କରାଯାଇପାରେ । ୧) ସରକାରୀ ସଂପତ୍ତି ଆତ୍ମସାତ କରିବା କିମ୍ବା ସରକାରୀ ସଂପତ୍ତିକୁ ଅପବ୍ୟବହାର କରି ସେଥିରୁ

ଫାଇଦା ନେବା ୨) ସରକାରୀ କାର୍ଯ୍ୟ ନିର୍ବାହ କଲାବେଳେ ଅବୈଧ ତୋଷାମଦ (Illegal gratification) ନଗଦ କିମ୍ବା ବସ୍ତୁ ଆକାରରେ ଗ୍ରହଣ କରିବା ୩) ଦୁର୍ନୀତି ଉପାୟରେ ନିଜ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିବା । ଦୁର୍ନୀତି ସାଧାରଣତଃ ସରକାରୀ ଦପ୍ତର ମାନଙ୍କରେ ଦେଖାଯାଏ ଯେଉଁଠି ସରକାରୀ ତହବିଲର ସଂପତ୍ତି ନାନା ଉପାୟରେ ଯଥା- ମିଥ୍ୟା ରସିଦ, କାଗଜପତ୍ର ଜାଲିଆତି ଦ୍ୱାରା, ଲୋକ ନ ଥାଇ ତାଙ୍କ ନାମରେ ମିଥ୍ୟା ଜାଲ ଦସ୍ତଖତ ଦେଇ ଟଙ୍କା ଆତ୍ମସାତ କରିବା, ଜାଲ ରସିଦ ଛାପି ସରକାରଙ୍କ ନାମରେ ଟଙ୍କା ଆଦାୟ କରିବା ଭିନ୍ନ ଭିନ୍ନ ସଂସ୍ଥାରେ ଉପରୋକ୍ତ ଘଟଣାମାନ ଘଟିବାର କିଛି ଉଦାହରଣ ରହିଛି, ଯଥାଃ-

**A-** ଜମିଜମା ଦୁର୍ନୀତି ସାଧାରଣତଃ ତହସିଲ ଅଫିସ, ଉନ୍ନୟନ ସଂସ୍ଥା ମାନଙ୍କରେ ଦେଖାଯାଏ ଯେଉଁଠାରେ ଲାଞ୍ଚଖୋର କର୍ମଚାରୀମାନେ ବିନା ଲାଞ୍ଚରେ କୌଣସି କାର୍ଯ୍ୟ କରନ୍ତି ନାହିଁ ଏବଂ ଲାଞ୍ଚ ନେଇ ସରକାରୀ ସଂପତ୍ତିକୁ ସର୍ବସାଧାରଣଙ୍କ ନାମରେ ବଦଳାଇବା ପାଇଁ ଉପାୟ ମାନ କରନ୍ତି । ସରକାର ଯେତେ ଉପାୟରେ ସ୍ୱଚ୍ଛତା ଆଣିବାକୁ ଚାହିଁଲେ ମଧ୍ୟ ହୋଇ ପାରୁନାହିଁ କାରଣ ଜନସାଧାରଣ ବ୍ୟସ୍ତତା ଭିତରେ ରହି ମଧ୍ୟସ୍ଥ ଜରିଆରେ ଲାଞ୍ଚ ଦେଇ କାର୍ଯ୍ୟ ହାସଲ କରିବା ପାଇଁ ଆଗଭର ହୁଅନ୍ତି । ଏଥିରେ ସଂସ୍ଥାରେ ତଳ କର୍ମଚାରୀ ମାନଙ୍କଠାରୁ ଆରମ୍ଭ କରି ଉପରସ୍ଥ କର୍ମଚାରୀ ପର୍ଯ୍ୟନ୍ତ ପ୍ରାୟ ଦୁର୍ନୀତିରେ ସଂପୃକ୍ତ ଥାଆନ୍ତି ।

B- ନିଲାମ ଜରିଆରେ ଠିକା କାର୍ଯ୍ୟ କରିବା ନିମନ୍ତେ ସରକାର ସ୍ୱଚ୍ଛତା ଆଣିବା ପାଇଁ ନାନା ପ୍ରକାର ପ୍ରଯତ୍ନ କଲେ ସୁଦ୍ଧା ଆଜିକାଲି ଦେଖାଯାଉଛି ଯେ ସରକାରୀ କର୍ମଚାରୀମାନଙ୍କ ସହିତ ସଲାସୁତରା ହୋଇ ପ୍ରତ୍ୟେକ ନିର୍ମାଣାଧୀନ ସଂଘ ଜରିଆରେ କେଉଁଠି କିଏ ନେବ ଓ କେତେ ଟଙ୍କାରେ ନେବ ତାହା ନିଷ୍ପତ୍ତି ନେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରନ୍ତି ଓ ସେ ଅନୁସାରେ ଠିକା ନିଅନ୍ତି ।

C- ସରକାରୀ ଡାକ୍ତରଖାନାରେ ଯେଉଁ ଔଷଧ ବିତରଣ କରାଯାଉଛି, ସେଥିରେ ଔଷଧ କଂପାନୀ ସହିତ ହାତ ମିଳାଇ ଭଲ ଔଷଧ ବଦଳରେ ନିମ୍ନମାନର ଔଷଧ ଯୋଗାଇ ଦିଆଯାଉଛି ।

D- ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ନେବା ପାଇଁ ପୌର ସଂସ୍ଥାକୁ ଜନ ସାଧାରଣ ଦୌଡି ଦୌଡି ହତାଶ ହୋଇ ଶେଷରେ ଲାଞ୍ଚ ଦେଇ କାର୍ଯ୍ୟ ହାସଲ କରିଥାନ୍ତି ।

E- ପରିବହନ ସଂସ୍ଥା ମାନଙ୍କରେ ସମୟ ଅଭାବରୁ ଜନସାଧାରଣ ଦଲାଲ୍‌ମାନଙ୍କୁ ଲାଞ୍ଚଦେଇ ନିଜର କାମ ହାସଲ କରିଥାନ୍ତି । ବର୍ତ୍ତମାନ ଫଟୋ ଚିତ୍ର କଂପ୍ୟୁଟର ଦ୍ୱାରା ଉତ୍ତୋଳନ ହେଉଥିବାରୁ କେବଳ ଉପସ୍ଥିତି ଜାହିର କରିବା ପାଇଁ ନିଜେ ଯିବାକୁ ପଡୁଛି କିନ୍ତୁ ଆନୁଷଙ୍ଗିକ କାମ ଗୁଡିକ ଦଲାଲ୍‌ମାନଙ୍କ ଦ୍ୱାରା ହେଉଛି । ଦଲାଲ୍ ଓ ପରିବହନ କର୍ମଚାରୀଙ୍କ ମଧ୍ୟରେ ବୁଝାମଣା ଥାଇ ଅନୁଗ୍ରହ ଦେଖାଇ କାର୍ଯ୍ୟ ସିଦ୍ଧି ହେଉଛି ।

F- ବାର୍ଷିକ ବିକ୍ରି ଟିକସ ଫାଙ୍କିବା ପାଇଁ ତଥା କମ୍ ବିକ୍ରି ଦେଖାଇବା ପାଇଁ ବ୍ୟବସାୟୀ ମାନେ ଟିକସ ଅଫିସରଙ୍କ ସହ ହାତ ମିଳେଇ ଟିକସ ଓ ଆୟକର ଫାଙ୍କନ୍ତି ।

G- ରାଜନୀତି କ୍ଷେତ୍ରରେ ମଧ୍ୟ ରାଜନେତାମାନେ ଲୋକଙ୍କୁ ମିଥ୍ୟା ଚାକିରି ଦେବା ଓ ସରକାରୀ କ୍ଷେତ୍ରରେ କାର୍ଯ୍ୟସିଦ୍ଧି କରିବାର ମିଥ୍ୟା ପ୍ରଲୋଭନ ଦେଖାଇ ଟଙ୍କା ଆଦାୟ କରନ୍ତି ଓ ସରକାରୀ କର୍ମଚାରୀ ସହ ସଲାସୁତରା ହୋଇ କେତେକାଂଶରେ ସଫଳତା ହାସଲ କରନ୍ତି । ଏହା ବ୍ୟତୀତ ଉପର ସ୍ତରର ରାଜନେତାମାନେ ନିଜ ପଦ ପଦବୀକୁ ଅପବ୍ୟବହାର କରି ସରକାରୀ ସ୍ତରରେ ଆଇନ୍ ଉଲଂଘନ କାର୍ଯ୍ୟ କରାନ୍ତି ଓ କରିବାକୁ ପ୍ରଶ୍ରୟ ଦିଅନ୍ତି । ଏହାର ସୁବିଧା ନେଇ ତଳିଆ କର୍ମଚାରୀମାନେ ମଧ୍ୟ ମୁନାଫା ନେବା ଶିଖନ୍ତି । କାରଣ ଉପରିସ୍ଥ କର୍ମଚାରୀମାନଙ୍କ ଦୁର୍ନୀତି ସେମାନେ ଜାଣିଥାନ୍ତି ।

ଏହି ପ୍ରକାର ପ୍ରାୟ ଅଫିସରେ ଊଣା ଅଧିକ ଦୁର୍ନୀତି ହେବାର ଦେଖିବାକୁ ମିଳେ । ଏହି ଦୁର୍ନୀତି ପାଇଁ କେବଳ ସରକାରୀ କର୍ମଚାରୀ ଦାୟୀ ନୁହନ୍ତି, ଜନ

ସାଧାରଣ ମଧ୍ୟ ଦାୟୀ ଅଟନ୍ତି, ଯେହେତୁ ଅନେକ ସ୍ତରରେ ନିଜ ଆଡୁ ଲାଞ୍ଚ ଦେଇ ଯେ କୌଣସି ଉପାୟରେ କାର୍ଯ୍ୟ ହାସଲ କରିବାକୁ ଲୋକେ ଆଗଭର ହୁଅନ୍ତି ।

ଦୁର୍ନୀତ ନିରାକରଣ ଆପାତତଃ ୨ ପ୍ରକାର ଉପାୟରେ କରାଯାଇପାରିବ ।

1) Preventive

2) Punitive

Preventive ଉପାୟରେ ଦୁର୍ନୀତି ନିବାରଣ କରିବାକୁ ହେଲେ ଦପ୍ତର ଗୁଡିକରେ ଏକ ପ୍ରକାର ଦୁର୍ନୀତି ନିବାରଣର ସୁସ୍ଥ ବାତାବରଣ ସୃଷ୍ଟି କରିବା ଉଚିତ୍, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜରିଆରେ କାର୍ଯ୍ୟ କରିବାକୁ ହେବ ।

Punitive ଉପାୟରେ ଯେଉଁଠି ଦୋଷୀ ଦୋଷ କରି ସାରିଥାଏ । ଏହି କ୍ଷେତ୍ରରେ ଦୁର୍ନୀତି ନିବାରଣ ବିଭାଗ ଆନୁଷଙ୍ଗିକ ତଥ୍ୟ ସଂଗ୍ରହ କରି ଅଦାଲତରେ ବିଚାର ପାଇଁ ପେଶ୍ କରନ୍ତି ।

ସରକାରୀ କର୍ମଚାରୀ ଦୁର୍ନୀତିରେ ଲିପ୍ତ ହେଲେ ସେମାନଙ୍କୁ white coloured criminals ବୋଲି କୁହାଯାଏ । ସେମାନଙ୍କୁ ଧରିବାକୁ ହେଲେ ଯଦିଓ ଆଇନରେ ସବୁପ୍ରକାର ବ୍ୟବସ୍ଥା ରହିଛି ତଥାପି ତାକୁ ସଚ୍ଚୋଟ ଭାବରେ ଉପଯୋଗ କଲେ ବହୁତ ସୁଫଳ ମିଳିବ ।

ପୂର୍ବେ ଏହି ପ୍ରକାର ଦୋଷୀମାନଙ୍କୁ ତଦନ୍ତକାରୀ ଅଫିସର ମାନେ ଜାମିନରେ ଛାଡୁଥିବାରୁ ଏତେଟା ପ୍ରଭାବ ପଡୁନ ଥିଲା । କିନ୍ତୁ ବର୍ତ୍ତମାନ ସେମାନଙ୍କୁ କୋର୍ଟକୁ ଚାଲାଣ କରିବା ଦ୍ୱାରା ସମାଜରେ ସେମାନେ ଲାଞ୍ଛିତ, ଅପମାନିତ ହେଉଛନ୍ତି ଓ ଅନ୍ୟ ମାନଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି । ଲାଞ୍ଚ ନେବାବେଳେ ଦୁର୍ନୀତି ନିବାରଣ ବିଭାଗ ଧରିବା ଦ୍ୱାରା ତାର ପ୍ରଭାବ ବହୁତ ମାତ୍ରାରେ ପଡୁଛି । ସେହିପରି ଆୟ ବହିର୍ଭୁତ ସଂପତ୍ତି ଠୁଳ କରିବା ଅଭିଯୋଗରେ ଉକ୍ତ କର୍ମଚାରୀର ନିଜଘର ଓ

ନିଜର ଆତ୍ମୀୟଙ୍କ ଘର ତଲାସି ଦ୍ୱାରା ସମାଜରେ ବହୁତ ଘୃଣ୍ୟ ହୁଅନ୍ତି । ଅନୁଭୂତିରୁ ଦେଖାଯାଇଅଛି ଯେ ବାପାଙ୍କର କୃତ ଅପରାଧ ଯୋଗୁଁ ସମାଜରେ ପୁଅଝିଅମାନେ ଲାଞ୍ଛିତ ହୁଅନ୍ତି ଯାହା ଫଳରେ ସେମାନଙ୍କ ଉପରେ ମାନସିକ କୁପ୍ରଭାବ ପଡେ ଓ ସ୍କୁଲ ସହପାଠୀ ମାନଙ୍କଠାରୁ ଘୃଣ୍ୟ ହୁଅନ୍ତି । ପଡୋଶୀ ଓ ଜ୍ଞାତୀ କୁଟୁମ୍ବଠାରୁ ମଧ୍ୟ ଅପମାନ ପାଆନ୍ତି ଓ ବିବାହ କ୍ଷେତ୍ରରେ ମଧ୍ୟ ପ୍ରସ୍ତାବ ଭାଙ୍ଗିଯାଏ । ଏଣୁ ସମସ୍ତେ ଦୁର୍ନୀତି ଠାରୁ ଦୂରରେ ରହିବା ଉଚିତ ।

ଦୁର୍ନୀତି ରୋକିବାକୁ ହେଲେ ଜଣସାଧାରଣ ସ୍ୱତଃ ପ୍ରବୃତ୍ତ ଭାବରେ ଆଗେଇ ଆସି ଦୁର୍ନୀତି ନିବାରଣ ବିଭାଗକୁ ଜଣାଇବା ଦରକାର । ଦୁର୍ନୀତି ନିବାରଣ ବିଭାଗର ପ୍ରକ୍ରିୟାକୁ ସରଳୀକରଣ କରାଯାଇପାରିଲେ ମୋ ମତରେ ଜନସାଧାରଣଙ୍କ ଅଧିକ ସହଯୋଗ ମିଳି ପାରନ୍ତା ଓ ଯେଉଁମାନେ ଦୁର୍ନୀତି ସମ୍ବନ୍ଧୀୟ F.I.R ଦେଉଛନ୍ତି , ଯେଉଁ କାର୍ଯ୍ୟ ପାଇଁ ଉତ୍କୋଚ ମଗାଯାଉଛି, ଧରା ପଡିଲା ପରେ ଯଦି ସଫଳ ନ ହୁଅନ୍ତି, ସେମାନେ ସେହି ଅଫିସ ଦ୍ୱାରା ହଇରାଣ ହରକତ ହୁଅନ୍ତି । ତେଣୁ ଉତ୍କୋଚ ଦାବି କରିବା, ଯଦି ତଦନ୍ତ ବେଳେ ପ୍ରମାଣିତ ହୁଏ, ତେବେ ଅଦାଲତକୁ ନଥିପତ୍ର ଦାଖଲ କରିବା ପୂର୍ବରୁ ଦାବୀଦାରର ଉକ୍ତ କାର୍ଯ୍ୟସିଦ୍ଧି ପାଇଁ ସରକାରଙ୍କ ତରଫରୁ ପ୍ରଚେଷ୍ଟା ହେବା ଦରକାର ।

ଲାଞ୍ଚୁଆ ଭୂତଠାରୁ ରକ୍ଷା ପାଇବାକୁ ହେଲେ ଜନସାଧାରଣ ଆଗଭର ହୋଇ ଦୁର୍ନୀତି ନିବାରଣ ବିଭାଗ ସହିତ ସହଯୋଗ କରିବା ଆବଶ୍ୟକ । ସେହିପରି ଦୁର୍ନୀତି ନିବାରଣ ସଂସ୍ଥା କୌଣସି ପକ୍ଷପାତ ନ କରି ସଚ୍ଚୋଟ ଭାବରେ ତଦନ୍ତ କଲେ ଏ ଲାଞ୍ଚୁଆ ଭୂତର ପ୍ରାଦୁର୍ଭାବ ଦୂର ହୋଇପାରିବ ।

***